ଶନିବାର, ୨୩ ସେପ୍ଟେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ



## ଖୁିଲି ଖୁିଲି ହସ

ଥରେ ଚିଣ୍ଟୁକୁ ସାର୍ ପଚାରିଲେ, ଆରେ ତୁ କାହିଁକି ହୋମ୍‌ୱର୍କ କରିନୁ ? ଚିଣ୍ଟୁ ଉତ୍ତର ଦେଲା, ସାର୍, କାଲି ସନ୍ଧ୍ୟା ବେଳେ ମୁଁ ହୋମ୍‌ୱର୍କ କରିବାକୁ ବସିଛି ତ ଲାଇନ୍ କଟିଗଲା। କିଛି ସମୟ ପରେ ଲାଇନ୍ ଆସିଲା ସତ, ହେଲେ କାଳେ ପୁଣି ଥରେ ଚାଲିଯିବ ସେଥିପାଇଁ ମୁଁ ଚାହିଁ ଚାହିଁ ରାତି ଦଶଟା ବାଜିଗଲା। ମୁଁ ଖାଇପିଇ ଶୋଇପଡ଼ିଲି।

–ସୁମନ, ବାଲେଶ୍ୱର

ହରିବାବୁ ବଗିଚାକୁ ଯାଇ ଦେଖିଲେ ତାଙ୍କର ଚାକର ରାମୁ ଏକ ଗଛରେ ମୁଣ୍ଡ ତଳକୁ କରି ଲଟକି ରହିଛି। ଏହାଦେଖି ସେ ତାକୁ ପଚାରିଲେ, ଆରେ ବୋକା, ଏମିତି କ'ଣ କେହି ଗଛରେ ଝୁଲେ ? ରାମୁ ଉତ୍ତର ଦେଲା–ବାବୁ, ମୁଁ ଭୁଲ୍‌ରେ ଏକ ମୁଣ୍ଡବିନ୍ଧା ଔଷଧ ଖାଇଦେଇଛି। ସାଙ୍ଗେସାଙ୍ଗେ ଆସି ଗଛରେ ଓଲଟା ଝୁଲିଛି। ଏହାଦ୍ୱାରା ଖାଇଥିବା ଔଷଧଟି ପେଟ ଭିତରକୁ ଯିବ ନାହିଁ।

–ପୀତମ ଦାସ, ରାଉରକେଲା

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

# ଗୋଟିଏ ଅଦ୍ଭୁତ କାହାଣୀ



## ଗପ

ଏକଦା ଅଷ୍ଟିନ୍ ସହରର ଉତ୍ତର ଭାଗରେ ଗୋଟିଏ ସୁଖୀ ପରିବାର ବାସ କରୁଥିଲେ। ପରିବାରର ମୁଖ୍ୟ ଥିଲେ ଜନ୍ ସ୍ମୋଦରସ୍। ପରିବାରରେ ତାଙ୍କ ସହ ତାଙ୍କ ପତ୍ନୀ ଏବଂ ପାଞ୍ଚ ବର୍ଷର ଝିଅଟିଏ ରହୁଥିଲେ।

ଦିନେ ରାତିରେ ଖାଇ ସାରିବା ପରେ ଝିଅଟିର ପେଟରେ ଭୀଷଣ ଯନ୍ତ୍ରଣା ହେଲା। ଜନ୍ ସ୍ମୋଦରସ୍ ଔଷଧ ଆଣିବା ପାଇଁ ତରତର ହୋଇ ବଜାରକୁ ବାହାରି ଗଲେ। ହେଲେ ଗଲେ ଯେ ଆଉ ସେ ଫେରିଲେ ନାହିଁ। ଏମିତିକି ମାସ ମାସ ବିତିଗଲା ପଛେ ତାଙ୍କର କୌଣସି ଖବର ମିଳିଲା ନାହିଁ।

ସ୍ୱାମୀ ନ ଫେରିବାରୁ ତିନି ମାସ ପରେ ତାଙ୍କ ପତ୍ନୀ ଦ୍ୱିତୀୟ ବିବାହ କରିଥିଲେ ସାନ୍ ଆଣ୍ଟୋନିଓଙ୍କୁ। ଆଉ ତାପରେ ଝିଅ ସହିତ ସେ ଅନ୍ୟ ଏକ ସହରକୁ ଚାଲି ଯାଇଥିଲେ। ସମୟ କାହାକୁ ଅପେକ୍ଷା କରେ ନାହିଁ। ଛୋଟ ଝିଅଟି କ୍ରମେ ବଡ ହୋଇ ପ୍ରାପ୍ତବୟସ୍କା ହେଲା ଏବଂ ତା'ର ବିବାହ ହୋଇଗଲା। ବିବାହ ପରେ ସେ ସ୍ୱାମୀ ସହ ନିଜ ପୈତୃକ ଘରେ ଯାଇ ରହିଲା। ସେଠାରେ ସେମାନଙ୍କର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେଲା। ତାର ନାମ ଥିଲା ପାନ୍‌ସି।

ପାନ୍‌ସିକୁ ପାଞ୍ଚ ବର୍ଷ ହୋଇଥିବାବେଳେ ଦିନେ ରାତିରେ ତାର ପେଟ ଭୀଷଣ କାଟିଲା। ସଂଯୋଗକୁ ଏହାର ଠିକ୍ କୋଡିଏ ବର୍ଷ ତଳେ ଏହିଦିନ ତାହାର ଜେଜେ ବାପା ଜନ୍ ସ୍ମୋଦରସ୍ ଔଷଧ ଆଣିବାକୁ ଯାଇ ଆଉ ଫେରି ନ ଥିଲେ। ପାନ୍‌ସିର ବାପା ଜନ୍ ସ୍ମିଥ୍ ବଜାର ଯାଇ ଔଷଧ ଆଣିବା ପାଇଁ ବାହାରିଲେ।

ତାଙ୍କ ସ୍ତ୍ରୀ ଚିତ୍କାର କରି କହିଲେ 'ନା, ନା ଜନ୍ ତୁମେ ଯାଅ ନାହିଁ। ତୁମେ ମଧ୍ୟ ଘରକୁ ନ ଫେରି କୁଆଡ଼େ ଚାଲିଯିବ।'

ଜନ୍ ସ୍ମିଥ୍ ଔଷଧ ପାଇଁ ଗଲେ ନାହିଁ ଏବଂ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ପାନ୍‌ସିର ଶଯ୍ୟା ପାଖରେ ବସି ତାକୁ ଆଉଁସି ଦେଲେ। କିଛିସମୟ ପରେ ତା'ର ଯନ୍ତ୍ରଣା ବଢ଼ିଚାଲିଲା ଓ ସେ ଜୋର୍‌ରେ କାନ୍ଦିଲା। ଜନ୍ ସ୍ମିଥ୍ ଔଷଧ ଆଣିବା ପାଇଁ ପୁଣି ବାହାରିଲେ, କିନ୍ତୁ ତାଙ୍କ ପତ୍ନୀ ତାଙ୍କୁ ଯିବାକୁ ଦେଲେ ନାହିଁ।

ଏହି ସମୟରେ ହଠାତ୍ କବାଟ ଖୋଲିଗଲା ଏବଂ ଲମ୍ବା ଧଳା କେଶ ଥିବା ଜଣେ ବୃଦ୍ଧ ନଇଁ ନଇଁ ଘରେ ପଶିଲେ। ହେଲୋ ଜେଜେ, ପାନ୍‌ସି କହିଲା । ଅନ୍ୟମାନଙ୍କ ପୂର୍ବରୁ ସେ ତା' ଜେଜେଙ୍କୁ ଚିହ୍ନି ପାରିଲା। ବୃଦ୍ଧ ଜଣକ ନିଜ ପକେଟ୍‌ରୁ ଔଷଧ ବୋତଲ କାଢିଲେ ଓ ପାନ୍‌ସିକୁ ସେଥିରୁ ଗୋଟିଏ ଚାମଚ ଔଷଧ ଦେଲେ। ପାନ୍‌ସି ସଙ୍ଗେ ସଙ୍ଗେ ସୁସ୍ଥ ହୋଇଗଲା। ଜନ୍ ସ୍ମୋଦରସ୍ କହିଲେ, ଟ୍ୟାକ୍ସିକୁ ଅପେକ୍ଷା କରି ମୋର ଟିକିଏ ଡେରି ହୋଇଗଲା।

**ମୂଳ ଇଂରାଜୀ ରଚନା– ଓ. ହେନ୍‌ରି**

**ଓଡ଼ିଆ ଅନୁବାଦ– ଇଂ. ମାୟାଧର ସ୍ୱାଇଁ**

ଲକ୍ଷ୍ମୀବିହାର, ଫେଜ୍ –୧, ଭୁବନେଶ୍ୱର

ମୋ: ୯୪୩୮୬୯୩୭୨୪

# ସଫଳ ମଡେଲ୍ ହେବାକୁ ଲକ୍ଷ୍ୟ

## ଶିଶୁ ପ୍ରତିଭା



ଭୁବନେଶ୍ୱରସ୍ଥିତ ପ୍ରଭୂଜୀ ଇଂଲିଶ୍ ମିଡିୟମ ସ୍କୁଲ୍‌ର ଷ୍ଟାଣ୍ଡାର୍ଡ–୧ର ଛାତ୍ରୀ ଆଲିଶା ସାହୁ। ବୟସ ମାତ୍ର ୬ ବର୍ଷ। ହେଲେ ବୟସ ତୁଳନାରେ ତାଙ୍କ ପୁରସ୍କାର ସଂଖ୍ୟା ଢେର ଅଧିକ। ଡାନ୍ସିଂ ହେଉ ଅବା ମଡେଲିଂ ସବୁଥିରେ ସେ ଦେଖାଇଛନ୍ତି ନିଜର ପାରଦର୍ଶିତା। ଯେଉଁଥିପାଇଁ ଏହି କୁନି ବୟସରୁ ନିଜର ଏକ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି ସେ। ଫ୍ୟାଶନ୍ ଶୋ'ଗୁଡିକରେ ତାଙ୍କର ଚୁଲ୍‌ବୁଲି ଅନ୍ଦାଜ ସାଙ୍ଗକୁ ଚାଲିବା ଶୈଳୀ ଏବଂ ଫ୍ୟାଶନ୍ ସେନ୍‌ସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଆଉ ରନ୍‌ୱେରେ ଚାଲିବା ବେଳେ ସେ ଶୋ ଟପର ଭାବେ ଅନେକ ଥର ପାଲଟିଛନ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ। ତେବେ ବର୍ତ୍ତମାନ ସୁଦ୍ଧା କଟକରେ ଆୟୋଜିତ ଫ୍ୟୁଜନ୍ ୨୦୨୨ରେ ବେଷ୍ଟ କିଡ୍ସ ମଡେଲ୍ ଅଫ୍ ଦି ଇୟର, ଅନୁଗୋଳରେ ଆୟୋଜିତ ଗ୍ଲାମର ଅଫ୍ ଓଡିଶାରେ ବେଷ୍ଟ ଆକ୍ଟିଭ୍ ମଡେଲ୍ ଅଫ୍ ୨୦୨୩, ଭୁବନେଶ୍ୱରରେ ପପ୍‌ଟିକ୍ ଡାନ୍ସ ଏକାଡେମୀ ଦ୍ୱାରା ଆୟୋଜିତ ଷ୍ଟେଟ୍ ଲେଭେଲ୍ ଫ୍ୟାଶନ୍ ଶୋ' ୨୦୨୩ର ୱିନର୍ ହେବା ସହ ଆହୁରି ଅନେକ ଫ୍ୟାଶନ୍ ଶୋ'ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇସାରିଛନ୍ତି। ତେବେ ସଭିଙ୍କ ମନ ମୋହିନେଉଥିବା ସୁନ୍ଦର ଓ କୋମଳ ହସ ପାଇଁ ତାଙ୍କୁ ମିସ୍ ବ୍ୟୁଟିଫୁଲ୍ ସ୍ମାଇଲ୍ ଅଫ୍ ଦି ଇୟର ୨୦୨୩ ଆୱାର୍ଡ ମଧ୍ୟ ମିଳିଛି। ଆଶ୍ଚର୍ଯ୍ୟର କଥା ହେଉଛି ସେ ମଡେଲିଂ ପାଇଁ କୌଣସି ତାଲିମ ନେଇ ନାହାନ୍ତି। ପିଲାବେଳୁ ଟିଭି ଏବଂ ଇଣ୍ଟରନେଟ୍‌ରେ ବିଭିନ୍ନ ଫ୍ୟାଶନ ଶୋ' ଦେଖି ନିଜସ୍ୱ ଉଦ୍ୟମରେ ସେ ଏହି ସଫଳତା ସାଉଁଟୁଛନ୍ତି। ତେବେ ନିଜ ସଫଳତାର ଶ୍ରେୟ ମାଆବାପା(ନିବେଦିତା, ମନୋଜ କୁମାର ସାହୁ)ଙ୍କୁ ଦେଉଥିବା ଆଲିଶା ଭବିଷ୍ୟତରେ ଜଣେ ସଫଳ ମଡେଲ୍ ହେବା ସହ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ମତାମତ

▸▸ ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ଭଲ ଲାଗୁଛି।

**–ପ୍ରିୟାଂଶୀ ପ୍ରିୟଦର୍ଶିନୀ, ଭୁବନେଶ୍ୱର**

▸▸ ଗତ ସପ୍ତାହରେ 'ତୁମ ତୁଳୀରୁ' ସ୍ତମ୍ଭରେ ପ୍ରକାଶ ପାଇଥିବା ଚିତ୍ରଗୁଡିକ ବେଶ୍ ସୁନ୍ଦର ହୋଇଛି।

**–ବୁଲ୍‌ବୁଲ୍, ଯୋଡା, କେନ୍ଦୁଝର**

▸▸ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋ ବେଶ୍ ଆକର୍ଷଣୀୟ ହେଉଛି।

**–ଚୁଟ୍‌କି ସାହୁ, ଢେଙ୍କାନାଳ**


▸▸ ଗତ ସପ୍ତାହରେ ଗଣେଶଙ୍କ ଉପରେ ପ୍ରକାଶିତ କବିତାଗୁଡିକ ପଢ଼ି ଭଲ ଲାଗିଲା।

**–ଅମନ କୁମାର ନାୟକ, ଯାଜପୁର**

▸▸ 'ଗପ' ସ୍ତମ୍ଭରେ ପ୍ରକାଶ ପାଉଥିବା ଗପଗୁଡ଼ିକରୁ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

**–ସୁହାସିନୀ ମହାନ୍ତି, ସୋନପୁର**

## ରଙ୍ଗ ଦିଅ



ନିଜର ସାଙ୍ଗସାଥୀ ଓ ପରିବାର ଲୋକଙ୍କୁ ଛାଡ଼ି ଅନ୍ୟ କାହା ସହ ମିଶିବାକୁ ପ୍ରାୟ ପିଲା ସହଜରେ ପସନ୍ଦ କରନ୍ତି ନାହିଁ। ଏମିତି କି ସମ୍ପର୍କୀୟ ଅବା ସ୍କୁଲରେ ଅନ୍ୟ କାହା ପାଖରେ ନିଜକୁ ଅଣନିଃଶ୍ୱାସୀ ମନେକରନ୍ତି। ତେବେ ପିଲାଙ୍କର ଏହି ଅଭ୍ୟାସ କିପରି ବଦଳିବ, ଜାଣନ୍ତୁ ସେ ସମ୍ପର୍କରେ...



# କାହିଁକି ପିଲା ସହଜରେ ମିଶିପାରନ୍ତିନି

କେତେଜଣ ମାତାପିତାଙ୍କର ଚିନ୍ତାଥାଏ, ତାଙ୍କ ପିଲା ଅନ୍ୟମାନଙ୍କ ସହିତ କାହିଁକି ମିଶିପାରନ୍ତି ନାହିଁ। ନୂଆ ଲୋକଙ୍କ ସହିତ ମିଶିବା ସେମାନଙ୍କ ଲାଗି କାଠିକର ପାଠ ହୋଇଥାଏ। କିନ୍ତୁ ଅଭିଭାବକମାନେ ଯଦି ପିଲାଙ୍କର ଏପରି ବ୍ୟବହାର ପାଇଁ ସେମାନଙ୍କୁ ଗାଳି କରିବେ, ଭଲ ମନ୍ଦ କହିବେ ତେବେ ସେମାନଙ୍କ ଲାଗି ଏଇଟା ଗୋଟେ ସମସ୍ୟା ହୋଇପାରେ। ଫଳରେ ସେମାନଙ୍କର ଆତ୍ମବିଶ୍ୱାସ କମିବାକୁ ଲାଗିବ। ଏଠାରେ କେତୋଟି ଟିପ୍ସ ଦିଆଯାଉଛି ଯାହା ପିଲାଙ୍କ ଏଭଳି ଅଭ୍ୟାସ ବଦଳାଇବାରେ ସହାୟ ହେବ..

## ପ୍ରଶ୍ନ ପଚାରିବାର ଆଗ୍ରହ

ବେଳେବେଳେ କେତେକ ପିଲା କାହାକୁ କୌଣସି ପ୍ରଶ୍ନ ପଚାରିବାକୁ ସାହସ କରନ୍ତି ନାହିଁ। ଏହାଦ୍ୱାରା ସେମାନେ ଅଡୁଆ ଭିତରେ ଛନ୍ଦି ହୋଇଯାଆନ୍ତି। ତେଣୁ କୌଣସି କଥାକୁ ନେଇ ଯଦି ମନରେ କିଛି ପ୍ରଶ୍ନ ଆସୁଥାଏ ତେବେ ପିଲାମାନେ ସଙ୍ଗେ ସଙ୍ଗେ ପଚାରିନେବା ଦରକାର। ଏହାଦ୍ୱାରା ସେମାନେ ନିଜ ସମସ୍ୟା ସମାଧାନ କରିବାର ଉପାୟ ପାଇପାରିବେ। ଏଭଳି କରିବା ଫଳରେ ନୂଆ ଜିନିଷ ଜାଣିବାକୁ ସେମାନଙ୍କ ମନରେ ସ୍ୱତଃ ଆଗ୍ରହ ମଧ୍ୟ ସୃଷ୍ଟି ହେବ।

## ଅନ୍ୟମାନଙ୍କ ସହ ମିଶିବା

କେତେକ ପିଲା ଅନ୍ୟମାନଙ୍କ ସହ ମିଶିବାକୁ ପସନ୍ଦ କରନ୍ତି ନାହିଁ। ଯଦି ଜଣେ ପିଲା ନିଜର ବନ୍ଧୁତା ପରିସରକୁ ବୃଦ୍ଧି କରେ ତେବେ ତାହା ନିଜର ବୁଦ୍ଧିମତ୍ତାର ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। କିନ୍ତୁ ସବୁବେଳେ ଏଭଳି ପିଲାଙ୍କ ସହ ମିଶିବା ଦରକାର, ଯେଉଁମାନଙ୍କଠାରୁ ଭଲ କଥା ଶିଖିପାରୁଥିବ। ପିଲାଟି ଏକୁଟିଆ ରହିଲେ ତାହାର ପ୍ରଭାବ ତା'ର ମାନସିକତା ଉପରେ ପଡ଼ିଥାଏ। ମା'ବାପା ମଧ୍ୟ ପିଲାଙ୍କୁ ବନ୍ଧୁବାନ୍ଧବଙ୍କ ଘର, ସାଙ୍ଗସାଥିଙ୍କ ଘର, କୌଣସି ପାର୍ଟିରେ ନେଇ ଅନ୍ୟମାନଙ୍କ ସହ ମିଶିବାର ସୁଯୋଗ ଦିଅନ୍ତୁ। ଯେତେବେଳେ ସେମାନେ ଲୋକଙ୍କ ସହିତ ମିଶିବେ ସେତେବେଳେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିବ।

## ଦୂର କରନ୍ତୁ ଦ୍ୱନ୍ଦ୍ୱ

ଅନେକ କଥାକୁ ନେଇ ପିଲାଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ତେବେ ଏଭଳି ପରିସ୍ଥିତିରେ ସେମାନେ ଯେତେ ଶୀଘ୍ର ଏହାର ସମାଧାନ କରିବା ଦରକାର। ଏ ନେଇ ଅନ୍ୟମାନଙ୍କର ସହାୟତା ନେଇପାରନ୍ତି। ଦ୍ୱନ୍ଦ୍ୱରେ ଯଦି ଜଣେ ପିଲା ବିଚଳିତ ହୋଇପଡ଼େ, ତେବେ ସେ ବାଟବଣା ହୋଇଯାଇଥାଏ। ଏହାର ପ୍ରଭାବ ତାହାର ପାଠପଢ଼ା ଉପରେ ପଡ଼ିଥାଏ। ତେଣୁ ଦ୍ୱନ୍ଦ୍ୱର ପରିସର ଯେପରି ବୃଦ୍ଧି ନ ପାଏ ଏବଂ ତାହାର କିପରି ଶୀଘ୍ର ସମାଧାନ କରାଯାଇପାରିବ ସେ ନେଇ ପିଲା ଚେଷ୍ଟିତ ହେବା ଦରକାର।

## ଆତ୍ମବିଶ୍ୱାସ

ଅନ୍ୟମାନଙ୍କ ସହ ମିଶିବା ଫଳରେ ପିଲାମାନେ କିଛି ନୂଆ କଥା ଶିଖିବାର ସୁଯୋଗ ପାଆନ୍ତି। ଯାହାଫଳରେ ସେମାନଙ୍କର ଆତ୍ମବିଶ୍ୱାସ ଦୃଢ଼ ହୋଇଥାଏ। ତେଣୁ ପିଲାଙ୍କୁ ସଫଳତା ହାସଲ କରିବା ଦିଗରେ ଅଗ୍ରସର ହେବା ସହଜ ହୋଇଥାଏ। ପିଲାବେଳରୁ ଏହି ମନୋଭାବ ଭବିଷ୍ୟତରେ ସେମାନଙ୍କୁ ସବୁ କ୍ଷେତ୍ରରେ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସାହାଯ୍ୟ କରିଥାଏ।

## ସମୟର ସଦୁପଯୋଗ

ପାଠପଢ଼ା ସମୟରେ ପିଲାମାନଙ୍କ ପାଇଁ ସମୟର ସଦୁପଯୋଗ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସାଙ୍ଗମାନଙ୍କ ସହ ମିଶିବା ସମୟରେ ତାଙ୍କ ସହ ସକାରାତ୍ମକ ଚର୍ଚ୍ଚା କରନ୍ତୁ। ଫଳରେ ଜ୍ଞାନ ଅର୍ଜନ କରିବା ସହ କ୍ୟାରିୟର ପାଇଁ ସହାୟକ ହେବ। ଅନ୍ୟମାନଙ୍କ ସହ ମିଶିବା ଆଳରେ ଅଯଥା ସମୟ ଅପଚୟ କରିବା ଠିକ୍ ନୁହେଁ।



## ସମସ୍ତଙ୍କ ସହ ମିଶିବା ଦରକାର

ସ୍କୁଲରେ ଆଗରୁ ଅନ୍ୟ କ୍ଲାସ୍ ପିଲାଙ୍କ ସହ ଆଦୌ କଥା ହୋଇପାରୁ ନ ଥିଲି। କିନ୍ତୁ ଏବେ ସମସ୍ତଙ୍କ ସହ କଥାବାର୍ତ୍ତା ହେଉଚି। ଆଉ ସମସ୍ତଙ୍କ ସହିତ ଏକାଠି ଖେଳ ପିରିୟଡରେ ଖେଳୁଛି। ସବୁ ପିଲା ତଥା ସାର୍ ଏମିତିକି ସ୍କୁଲର କର୍ମଚାରୀଙ୍କ ସହ ଭଲ କଥାବାର୍ତ୍ତା କରିବା ଦରକାର ବୋଲି ମାମା କହିଛନ୍ତି। ଭଲ ସମ୍ପର୍କ ରଖିଥିଲେ ସୁବିଧା ଅସୁବିଧାରେ ସେମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ତା'ଛଡ଼ା ସମସ୍ତଙ୍କ ସହ ମିଶି ଖୁସିରେ କଥାବାର୍ତ୍ତା କରୁଥିବା ପିଲାଙ୍କୁ ସମସ୍ତେ ଭଲ ପାଆନ୍ତି। ସେଥିପାଇଁ ଏବେ ସମସ୍ତଙ୍କ ସହ କଥାବାର୍ତ୍ତା କରୁଛି।

-ଅନନ୍ୟା ମହାନ୍ତି

କ୍ଲାସ-୬, ସାଇ ଇଣ୍ଟର ନାଶନାଲ୍ ସ୍କୁଲ, ଧାମରା, ଭଦ୍ରକ



## ସମସ୍ତେ ଭଲ ପାଉଛନ୍ତି



ମୋର ଚାରି ପାଞ୍ଚଜଣ ସାଙ୍ଗଙ୍କୁ ଛାଡିଦେଲେ ମତେ ଆଉ କାହା ସାଙ୍ଗରେ କଥାବାର୍ତ୍ତା ହେବାକୁ ଇଚ୍ଛା ହେଉ ନ ଥିଲା। ଏମିତି କି ଆମ ଘରକୁ କେହି ଆସିଲେ ଅନ୍ୟ ରୁମ୍‌ରେ ରହୁଥିଲି। ଏବେ ବୁଝିସାରିଛି କି ଏହା ଏକ ଖରାପ ଗୁଣ। ତେଣୁ ଘରେ ସମସ୍ତେ କହିବା ପରେ ଧୀରେ ଧୀରେ ନିଜକୁ ବଦଳାଇ ଦେଇଛି। ଘରେ ବାହାରେ ସମସ୍ତଙ୍କ ସହ କଥା ହେଉଛି। ଏମିତି କି ଆମ ପଡ଼ିଶା ଘର ଲୋକେ ବି ଏବେ ମତେ ବହୁତ ଭଲ ପାଉଛନ୍ତି।

-ଅମ୍ରିତ୍ ରାଉତ

କ୍ଲାସ୍- ୭, ସରକାରୀ ୟୁ.ପି. ସ୍କୁଲ, ମଞ୍ଚେଶ୍ୱର, ଭୁବନେଶ୍ୱର



୧



**ଆଲିସା କାନୁନ୍‌ଗୋ**
କ୍ଲାସ-୯, କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳ

**ସୌମ୍ୟା ସେଫାଳିକା ପ୍ରଧାନ**
କ୍ଲାସ- ୬, ଆଦର୍ଶ ବିଦ୍ୟାଳୟ, ବନମାଳିପୁର, ଆଠମଲ୍ଲିକ, ଅନୁଗୋଳ



୨

୩



**ସୌରଭ ରଞ୍ଜନ କର**
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, କଟକ

**ଦୀପଶିଖା ଦାଶ**
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର



୪

୫



**ପ୍ରତିମା ଗଉଡ**
କ୍ଲାସ- ୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରୁପ୍ରାରୋଡ, କଳାହାଣ୍ଡି

**ଅଭିଲିପ୍ସା ରାଉତ**
କ୍ଲାସ- ୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ, ଦାମୋଦରପୁର, ମଙ୍ଗଳପୁର, ଯାଜପୁର



୬

୭



**ସୁହାନି ସାହୁ**
କ୍ଲାସ- ୪, ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସୋନପୁର, ସୁବର୍ଣ୍ଣପୁର


**ସାଇ ଶିବେଶ ବେହେରା**
କ୍ଲାସ-୫, କାର୍ମେଲ ସ୍କୁଲ, ରାଉରକେଲା



୮



୧



୨



୩



୪



୫



୬



୭



୮



# ଭାଦ୍ର ଆଶିଣ ମାସେ

**ଭା**ଦ୍ର ଆଶିଣ ମାସେ
ସୁନୀଳ ଆକାଶେ
ଶୁଭ୍ର ମେଘମାଳା ଭାସେ ।
ବସୁଧାର ଚଉପାଶେ
କାଶତଣ୍ଡୀ ଫୁଲ ଦିଶେ
କେଡ଼େ ଶୋଭା ପରକାଶେ ।
ପୋଖରୀ ତୁଠର ପାଶେ
କୁମୁଦ-କୋମଳ ହସେ
ଆହା କି ସୁନ୍ଦର ଦିଶେ !
ଜହ୍ନିଫୁଲ ଫୁଟେ ପ୍ରଦୋଷେ
ତାରା ସମ ପରି ଆକାଶେ
ପିଲାଏ ତୋଳନ୍ତି ସନ୍ତୋଷେ ।
ଦୂର ଦିଗ୍‌ବଳୟର ପାଶେ
ଇନ୍ଦ୍ରଧନୁ ପରା ଦିଶେ
ଝଡ଼ି ବରଷା ଶେଷେ ।

**– ଲାଲମୋହନ ମାଝି**
ରାଇହରି, ବିଜାତଳା, ମୟୂରଭଞ୍ଜ
ମୋ: ୭୮୫୩୮୧୩୯୧୦

କବିତା

# ଫୁଲଟିଏ ମୋତେ କର

**ଫୁ**ଲଟିଏ ମୋତେ କର ହେ ପ୍ରଭୁ ଜଗତ ସାଇଁ
ସୁଗନ୍ଧରେ ଭରିଦିଅ ହେ ବିତରି ଯିବା ପାଇଁ ।
ବାଇଗଣୀ ଘନନୀଳ ଯେ ନୀଳ ସବୁଜ ରଙ୍ଗ
ହଳଦିଆ ନାରଙ୍ଗୀ ଲାଲ୍ ଦେଖି ପାଖୁଡ଼ା ଢଙ୍ଗ ।
କେତେ ମହୁମାଛି ଭଅଁର ଆସି ବସିବେ ପରେ
ମହୁ ଶୋଷିବେ ମୋଠାରୁ ପୁଣି ଆନନ୍ଦଭରେ ।
ଜାତି ଜାତି ପରଜାପତି ହୋଇ ବିଭୋର ଅତି,
ଉଡ଼ିବେ ମୋ ଅଗଣାରେ ପୁଣି ଫୁଲାଇ ଛାତି ।
କୁନି କୁନି ଶିଶୁ ଆସିବେ ତାଙ୍କୁ ଧରିବା ପାଇଁ
ଖୁସିରେ ଝୁମିବି ତାଙ୍କରି ମିଠା ପରଶ ପାଇ ।
ମାଳୀ ଆସି ତୋଳି ଗୁନ୍ଥିବ ଦେବ ପ୍ରଭୁଙ୍କ ପାଶେ
ଧନ୍ୟ ହେବି ସିନା ଜୀବନେ ଫୁଟିବି ଏହି ଆଶେ ।

**– ଲୀଳାବତୀ ପରିଡ଼ା**
କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

# ଭୋଦୁଅ ଆସିଲା

ଭୋଦୁଅ ଆସିଲା ଶିରାବଣ ଶେଷେ
ଚଉଦିଗ ଦିଶେ ସଫା
ବଉଦର ରଙ୍ଗ ବଦଳି ଦିଶିଲା
ସତେ କି ଫୁଟିଲା କପା ।
କଳା ବଉଦଟି ଭାସୁନି ଆଉରେ
ଦିଶିଲାଣି ଧଳା ଧଳା
କ୍ଷେତକୁ ଚାହିଁଲେ ବସିଥାନ୍ତି ବଗ
ପକ୍ଷୀ ପରା ମଳାମଳା ।
ଆଗପରି ନାଇଁ ବରଷା ବିଜୁଳି
ଶୁଭେନାହିଁ ଘଡ଼ଘଡ଼ି
ଏ କଥାଟି ସତ କଦବା କେମିତି
ନଈରେ ଆସୁଛି ବଢ଼ି ।
କାଚକେନ୍ଦୁ ପରି ଦିଶେ ନଈ ପାଣି
ଶୁଖିଗଲା ବାଟଘାଟ
ନଈବାଙ୍କେ ଫୁଟି କାଶତଣ୍ଡୀ ଫୁଲ
ବସେଇ ଦେଲାଣି ହାଟ ।
ମାଟି ମରତରେ ଭୋଦୁଅ ପାଇଁରେ
ସବୁ ଲାଗେ ନୂଆ ନୂଆ
ଭୋଦୁଅ ଖରାରେ ପଡିବା ପାଇଁରେ
ପେଡିଲୁଗା ହେଲା ଥୁଆ ।
ଶରତର ଦୂତ ଭୋଦୁଅ ମାସରେ
ଶିଖ ତା'ଠୁଁ ସ୍ୱଚ୍ଛ ଗୁଣ
ସ୍ୱଚ୍ଛ ଭାରତର କଥା କହୁ ଅପା
ମନଦେଇ ପିଲେ ଶୁଣ ।

**– ନୀଳମଣି ଚାନ୍ଦ,** ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ମା'ର ମମତା

**ସ**କାଳୁ ସଞ୍ଜ ମୋ ସେବାରେ
ଲାଗେ ମାଆଟି ମୋର
ପଛେ ପକାଇ ନିଜ ଗାଧୁଆ
ଠାକୁର ପୂଜା, ଆହାର ।
ତେଲ ହଳଦୀ ଦିଏ ଲଗାଇ
ଗୋଡ଼ରେ ଶୋଇ ଦେଇ
ଗାଧୋଇ ଦେଇ ସାରା ଅଙ୍ଗକୁ
କନାରେ ପୋଛେ ସେହି ।
ଭଲିକି ଭଲି ଜାମା ସଜେଇ
ମାଆ ମୋ ରଖିଥାଏ
ପିନ୍ଧାଇ ଦେଇ କଜଳ ଟିକା
ମଥାରେ ମାରି ଦିଏ ।



ବାଡ଼ି ବଗିଚା ଦାଣ୍ଡ ଅଗଣା
ବୁଲାଇ ମାଆ ମୋତେ
ଖୁଆଇ ଦେଇ ଶୁଆଏ କାନ୍ଧେ
କାହାଣୀ କହି କେତେ ।
ଗରଭେ ଧରେ ବଡ଼ କରାଏ
ସହି କେତେ ଯେ ବ୍ୟଥା
ମାପି ହୁଏନି ମାଆ ମମତା
ମାଆ ଓ ପିଲା ଦୂରତା ।

**– କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ, ଧର୍ମଶାଳା,
ଯାଜପୁର
ମୋ: ୭୮୭୩୫୧୦୦୨୭

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ବୟସ୍କ ପ୍ରତିଯୋଗୀ

**ମୋ**ଟର ବାଇକ୍ ରେସ୍‌ରେ ଭାଗ ନେବା ପାଇଁ ସାଧାରଣତଃ ଯୁବକମାନେ ସାହସ କରିଥାନ୍ତି। କାରଣ ଏହି ରେସ୍‌ରେ ଭାଗ ନେଲେ ଦ୍ରୁତ ଗତିରେ ଗାଡ଼ି ଚଳାଇବାକୁ ପଡ଼ିଥାଏ ଏବଂ ଦୁର୍ଘଟଣାର ଭୟ ବି ରହିଥାଏ। ସେଭଳି ଅଭିଜ୍ଞ ବ୍ୟକ୍ତି ହିଁ ଏଭଳି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ୯୭ ବର୍ଷରେ ଜଣେ ବ୍ୟକ୍ତି ଯେ ବାଇକ୍ ରେସ୍‌ରେ ଭାଗ ନେଇପାରିବ ଏକଥା ଶୁଣିଲେ ସହଜରେ ଲୋକେ ବିଶ୍ୱାସ କରିପାରିବେ ନାହିଁ। ମାତ୍ର ଏଭଳି ଏକ କାମ କରି ଏବେ ବିଶ୍ୱ ରେକର୍ଡ କରିଛନ୍ତି ଲେସ୍‌ଲୀ ହାରିସ୍। ନ୍ୟୁଜିଲାଣ୍ଡର ବାସିନ୍ଦା ଲେସ୍‌ଲୀ ତାଙ୍କର ୬୪ ବର୍ଷୀୟ ପୁତ୍ର ଏବଂ ୨୧ ବର୍ଷୀୟା ନାତୁଣୀ ସହିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ହାରିସ୍ ଏହା ପୂର୍ବରୁ ୯୩ ବର୍ଷରେ ରେସ୍‌ରେ ଭାଗ ନେଇ ବିଜେତା ମଧ୍ୟ ହୋଇଥିଲେ। କିନ୍ତୁ ଏହାର ପର ବର୍ଷ ୨୦୨୦ରେ ସେ ବାଇକ୍‌ରୁ ପଡିଯାଇ ଗୁରୁତର ହୋଇଥିଲେ। ତେଣୁ ତାଙ୍କର ଏକ ଅପରେଶନ ହୋଇଥିବାରୁ ସେ ଆଉ ରେସ୍‌ରେ ଭାଗ ନେଇପାରୁ ନ ଥିଲେ। ହାରିସ୍ ସୁସ୍ଥ ହେବା ସହିତ ତାଙ୍କ ମନୋବଳକୁ ଦୃଢ଼ କରି ପୁଣି ଥରେ ରେସ୍‌ରେ ଭାଗ ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି।




# ଏଥରର



- ମାଧ୍ୟାକର୍ଷଣ ଶକ୍ତି ଅଛି ବୋଲି ସର୍ବପ୍ରଥମେ କିଏ ପ୍ରମାଣ କରିଥିଲେ ?
- କେଉଁ ଗ୍ରହକୁ ନୀଳ ଗ୍ରହ କୁହାଯାଏ ?
- ଭାରତର ଜାତୀୟ ଖେଳର ନାମ ?
- ବେରି ବେରି ରୋଗ କାହିଁକି ହୁଏ ?
- ଗଛ କେଉଁ ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତି କରେ ?

# ଗତଥରର




- ୧୦,୦୮୦
- ନିକୋଲାସ୍ କୋପରନିକସ୍
- ତାଞ୍ଜାନିଆ
- ୫
- ୬

# କହିଲ ଦେଖି

ଶରତ ଆସିଲେ ଆସଇ ସେହି
ଘାସ ପତରରେ ଚମକେ ରହି,
ସଞ୍ଜ ଓ ସକାଳେ ଆସେ ହରଷେ
ପାଣି ବୁନ୍ଦା ଭଳି ଆଖିକୁ ଦିଶେ,
ସକାଳ କିରଣ ପରଶେ ସେହି
ହୀରା ପରି ଚକମକ ଦିଶଇ,
ଶୀତଳ ଲାଗଇ ସେ ପାଣି ବୁନ୍ଦା
କରିଦିଏ ସିଏ ପାଦକୁ ଓଦା ।



ଉତ୍ତର- **କାକର**

ଭାଦ୍ରବ ମାସରେ ଆସେ ଏ ବ୍ରତ
ମହିଳା ପୂଜନ୍ତି ହୋଇ ଏକତ୍ର,
ବୁଧବାର ଦିନ ହୁଏ ଏ ପୂଜା
ହଳଦୀ କଉଡ଼ି ହୁଅଇ ଖୋଜା,
ପିଲାଙ୍କର ଖୁସି ଜୀବନ ପାଇଁ
ଶ୍ରଦ୍ଧାରେ ମାଆ ଏ ବ୍ରତ ରଖଇ,
ପୂଜା ପାଇଥାନ୍ତି ବିମଳା ମାଆ
ଏବେ କୁହ ସେଇ ବ୍ରତର(ଓଷା)ନାଆଁ ?



ଉତ୍ତର- **ବୁଧିବାମନ ଓଷା**

ଭାଦ୍ରବର ଶୁକ୍ଳ ଅଷ୍ଟମୀ ତିଥିରେ
ଆସିଥାଏ ଏହି ବ୍ରତ
ଗାଆଁରୁ ସହର ସାରା ଭାରତରେ
ଏ ପର୍ବ ହୁଏ ପାଳିତ
କୃଷ୍ଣଙ୍କ ଘରଣୀ ଜନ୍ମ ହୋଇଥିଲେ
ଏହି ପବିତ୍ର ଦିନରେ
ଜନ୍ମାଷ୍ଟମୀ ସହ ଏ ବ୍ରତ ପାଳିଲେ
ଖୁସି ମିଳେ ଜୀବନରେ ।



ଉତ୍ତର- **ରାଧାଷ୍ଟମୀ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା,ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬





# କାହିଁକି କହୁ 'ଜହ୍ନମାମୁ'



**ସେ** ଦିନ ରବିବାର ହୋଇଥାଏ । ବୁଲୁ ତା' ମାମୁଘରକୁ ଯାଇଥାଏ। ସନ୍ଧ୍ୟା ସମୟରେ ବୁଲୁ ତା ମାମୁଙ୍କ ସହ ଯାଇ ଘର ଛାତ ଉପରେ ବସିଲେ।

ପୂର୍ଣ୍ଣମୀ ଚନ୍ଦ୍ରକୁ ପୂର୍ବ ଆକାଶରେ ଦେଖି ବୁଲୁ ପଚାରିଲା, ମାମୁ! ଚନ୍ଦ୍ର ଆଜି ସମ୍ପୂର୍ଣ୍ଣ ଗୋଲ କାହିଁକି ଦେଖାଯାଉଛି ? ମାମୁ କହିଲେ, ଚନ୍ଦ୍ର ଆମର ଏକ ଉପଗ୍ରହ। ଏହା ପୃଥିବୀ ଚାରିପଟେ ୨୭।୩୨ ଦିନରେ ଥରେ ଘୂରିବୁଲିଥାଏ। ପୃଥିବୀଠାରୁ ଚନ୍ଦ୍ରର ଦୂରତା ୩,୮୪,୪୦୦ କିମି। ଚନ୍ଦ୍ରର ସର୍ବାଧିକ ୫୯% ଭାଗ ପୃଥିବୀ ଆଡ଼କୁ ଦେଖିହୁଏ। କେବଳ ପୂର୍ଣ୍ଣମୀ ତିଥିରେ ଏତିକି ଅଂଶ ଆମକୁ ଦେଖାଯାଏ। ସୂର୍ଯ୍ୟର ଆଲୋକ ରଶ୍ମି ହିଁ ଚନ୍ଦ୍ର ଉପରେ ପଡ଼ିଲେ ତାହା ପ୍ରତିଫଳିତ ହୋଇ ପୃଥିବୀ ପୃଷ୍ଠରେ ପଡ଼େ। ସେହି ପ୍ରତିଫଳିତ ରଶ୍ମି ହିଁ ଚନ୍ଦ୍ରର ଆଲୋକ ।

ବୁଲୁ ପଚାରିଲା,ମାମୁ ! ଚନ୍ଦ୍ରକୁ ଆମେ ଜହ୍ନମାମୁ କାହିଁକି କହୁ? ମାମୁ କହିଲେ, ବୈଜ୍ଞାନିକମାନେ ଗବେଷଣା କରି ଚନ୍ଦ୍ରର ସୃଷ୍ଟି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ଦେଇଛନ୍ତି। ସେଥିରୁ ଗୋଟିଏ ମତ ହେଲା– ଆଜକୁ ପ୍ରାୟ ୪୭୦କୋଟି ବର୍ଷ ପୂର୍ବେ ସୂର୍ଯ୍ୟଙ୍କଠାରୁ ପୃଥିବୀ ଏକ ଜ୍ୱଳନ୍ତ ଗ୍ୟାସୀୟ ପିଣ୍ଡ ହୋଇ ସୃଷ୍ଟି ହେଲା ଏବଂ ତାହା ଘୂରିବାକୁ ଲାଗିଲା। ପରେ ଅନ୍ୟ ଏକ ପିଣ୍ଡ ପୃଥିବୀ ସହିତ ଧକ୍କା ଖାଇବାରୁ ଉକ୍ତ ପିଣ୍ଡରୁ କିଛି ଅଂଶ ବାହାରି ପଡିଲା। ସେହି ଅଂଶକୁ ପୃଥିବୀ ନିଜ ଅକ୍ଷ ଚାରିପଟେ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଘୂରାଇଲା। ସେହି ଅଂଶଟି ହିଁ ଚନ୍ଦ୍ର ହେଲା। ତେଣୁ ପୃଥିବୀକୁ ଆମେ ଧରିତ୍ରୀ ମା' କହୁଥିବା ବେଳେ ଚନ୍ଦ୍ରକୁ ପୃଥିବୀର ଭାଇ କହିବା ଠିକ୍ ହେବ। ତେଣୁ ଚନ୍ଦ୍ର ଆମର ମାମୁ ହେଲା।



ବୁଲୁ କହିଲା– ମାମୁ! "ଆପଣ ଭାଇ ହିସାବରେ ମୋର ମାଆଙ୍କର ଭଲ ମନ୍ଦ କଥା ବୁଝୁଛନ୍ତି। ସେମିତି ଚନ୍ଦ୍ର କ'ଣ ପୃଥିବୀ ପାଇଁ ଭଲ କାମ କରୁଛି କି? ମାମୁଁ କହିଲେ, ବଢ଼ିଆ ପ୍ରଶ୍ନଟିଏ ପଚାରିଲୁ। ଚନ୍ଦ୍ର ଥିବାରୁ ହିଁ ଆମର ପୂର୍ଣ୍ଣମୀ, ଅମାବାସ୍ୟା, ସଂକ୍ରାନ୍ତି ଆଦି ତିଥି ଘଟିଥାଏ । ତେଣୁ ଆମେ ବିଭିନ୍ନ ପର୍ବପର୍ବାଣି ପାଳନ କରୁ। ଦ୍ୱିତୀୟ କଥା ହେଲା– ପୃଥିବୀର ଅକ୍ଷକୁ ଚନ୍ଦ୍ର ସ୍ଥିର ରଖିବାରେ ସାହାଯ୍ୟ କରେ। ନଚେତ୍ ପୃଥିବୀର ଗତି ଅସ୍ଥିର ହୋଇ ସମୁଦ୍ରରେ ବାରମ୍ବାର ସୁନାମି, ଘୂର୍ଣ୍ଣିବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟିଥାନ୍ତା। ତୃତୀୟରେ ଚନ୍ଦ୍ର ଯଦି ନ ଥାନ୍ତା ପୃଥିବୀରେ ଦିନକୁ ୨୪ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା ଅର୍ଥାତ୍ ଦିନ ୪ଘଣ୍ଟା ଏବଂ ରାତି ୪ଘଣ୍ଟା ହୋଇଥାନ୍ତା। ଯାହାଫଳରେ ଜୀବଜଗତ ତିଷ୍ଠିବା ଅସମ୍ଭବ ହୁଅନ୍ତା। ଚତୁର୍ଥରେ ଚନ୍ଦ୍ର ଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ରର ମିଳିତ ମାଧ୍ୟାକର୍ଷଣ ଯୋଗୁ ସମୁଦ୍ରରେ ଜୁଆର ଓ ଭଟ୍ଟା ସୃଷ୍ଟି ହୋଇଥାଏ। ଉକ୍ତ ଜୁଆର ଯୋଗୁ ଅଧିକ ଜଳ ପ୍ରବାହିତ ହୋଇ ନିର୍ଦ୍ଦିଷ୍ଟ ମୁହାଣଠାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ସହଜ ହୋଇଥାଏ। ଯାହାକୁ ଜୁଆରରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କୁହାଯାଏ। ପଞ୍ଚମରେ ଚନ୍ଦ୍ର ନ ଥିଲେ ବାୟୁମଣ୍ଡଳରେ ବହୁ ଧୂଳିକଣା, ମହାକାଶରୁ ବହୁଜାଗତିକ ରଶ୍ମି ଭୂପୃଷ୍ଠକୁ ଆସି ଆମର କ୍ଷତି ଘଟାଇଥାନ୍ତା। ଏଣୁ ବୁଲୁ , ତୁମେ ଜାଣିପାରିଥିବ ଚନ୍ଦ୍ର ଭାଇ ହିସାବରେ ତାଙ୍କ ଭଉଣୀ ପୃଥିବୀକୁ କେତେ ଅସୁବିଧାରୁ ରକ୍ଷା କରୁଛି। ତେଣୁ ଆମେ ଚନ୍ଦ୍ରକୁ ମାମୁ କହିବା ଯୁକ୍ତିଯୁକ୍ତ ।

ବୁଲୁ କହିଲା,ମାମୁ, ମୋର ଗୋଟିଏ କଥା ବହୁ ଦିନରୁ ସନ୍ଦେହ ରହିଆସିଛି। ତାହା ହେଲା–ଚଳିତ ବର୍ଷ ଆମର ଦୁଇଟି ଶ୍ରାବଣ ମାସ ପଡ଼ିଲା। ଏହା କେମିତି ଘଟିଲା– ମାମୁ କହିଲେ–ଏ କଥାଟା ତୁମକୁ କହିବାକୁ ଭୁଲି ଯାଇଥିଲି। ବେଶ୍ ଭଲ ହେଲା ମୋତେ ମନେ ପକାଇଦେଲ। ତେବେ ଶୁଣ, ଆମର ଗୋଟିଏ ସୌର ବର୍ଷ ହେଉଛି ୩୬୫ଦିନ ୬ଘଣ୍ଟା ଏବଂ ଚନ୍ଦ୍ରରେ ଗୋଟିଏ ବର୍ଷ ହେଉଛି ୩୫୪ଦିନ ଅର୍ଥାତ୍ ସୌରବର୍ଷ ଓ ଚନ୍ଦ୍ର ବର୍ଷ ମଧ୍ୟରେ ୧୧ଦିନ ପାର୍ଥକ୍ୟ ରହି ୩ବର୍ଷ ପରେ ତାହା ୩୩ଦିନ ହୁଏ। ସେହି ବର୍ଷରେ ଗୋଟିଏ ମାସ ଅଧିକ ହୁଏ। ଉକ୍ତ ମାସକୁ ମଳମାସ କୁହାଯାଏ। ତେଣୁ ଚଳିତବର୍ଷ ୧୨ମାସ ବଦଳରେ ୧୩ମାସ ହେଲା। ଅର୍ଥାତ୍ ଶ୍ରାବଣ ମାସକୁ ଦୁଇଥର ହିସାବ କରାଗଲା।

ବୁଲୁ କହିଲା– ମାମୁ! ଏବେ ଢେର ସମୟ ହେଲାଣି, ଚାଲ ତଳକୁ ଯିବା ମାଈଁ ଅପେକ୍ଷା କରିଥିବେ।

**–ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରୀ କଲୋନୀ,ପାରଳାଖେମୁଣ୍ଡି, ଗଜପତି
ମୋ: ୯୪୩୮୦୭୪୪୬୪



### ଆନ୍ତର୍ଜାତୀୟ ସାଂକେତିକ ଭାଷାଦିବସ ଅବସରରେ...

# ସନ୍ତିଆ ପାଇଲା ପୁରସ୍କାର

**ସ**ନ୍ତିଆ ଅଷ୍ଟମ ଶ୍ରେଣୀରେ ପଢେ। ପିଲାଟିବେଳରୁ ସନ୍ତିଆ ଶ୍ରବଣ ଓ ବାକ୍ ଶକ୍ତି ବିହିନ ଅର୍ଥାତ ସେ କଥା କହିପାରେ ନାହିଁ କି ଶୁଣିପାରେ ନାହିଁ । ଏଣୁ ସାଙ୍କେତିକ ଭାଷା ଦ୍ୱାରା ସେ ପାଠ ପଢୁଛି । ସାଙ୍କେତିକ ଭାଷା ଶିକ୍ଷାଲାଭ କରିଥିବାରୁ ଦୁଇ ହାତକୁ ବ୍ୟବହାର କରି ବିଭିନ୍ନ ଅକ୍ଷରକୁ ହାତର ମୁଦ୍ରାରେ ଦର୍ଶାଇ ନିଜର ଭାବନାକୁ ଅନ୍ୟକୁ ଜଣାଏ ସନ୍ତିଆ। ସେ ଭଲ ପାଠ ପଢେ ଓ ଶ୍ରେଣୀରେ ପ୍ରଥମ ହୁଏ।

ସନ୍ତିଆ ତାର ମାମୁଘରେ ଥିବା ସମୟରେ ଥରେ ମାଧଅଜା ସହିତ ବ୍ୟାଙ୍କକୁ ଯାଇଥାଏ। ପୂର୍ବରୁ ଆଣିଥିବା ଋଣକୁ ଫେରସ୍ତ କରିବାକୁ ବ୍ୟାଙ୍କ କର୍ମଚାରୀଙ୍କ ସହିତ ମାଧଅଜା କଥାବାର୍ତ୍ତା ହୋଇ କାଗଜପତ୍ର କାମ କରୁଥାନ୍ତି। ସନ୍ତିଆ ତାଙ୍କ ପାଖରେ ଏକ ଚୌକିରେ ବସି ଏଣେତେଣେ ଚାହୁଁଥାଏ। ହଠାତ ଗୋଟିଏ ଲୋକ ଉପରେ ତାର ନଜର ପଡିଲା। ସେହି ଲୋକଟି ହାତରେ ବିଭିନ୍ନ ମୁଦ୍ରା ଦର୍ଶାଇ ସାଂକେତିକ ଭାଷାଦ୍ୱାରା ତା ଭାବର ପରିପ୍ରକାଶ କରୁଥିଲା । ସେ ଲୋକଟି ଅନ୍ୟଜଣେ ଲୋକ ସହିତ ଯୋଗାଯୋଗ କରୁଥିଲା । ଆଉ ସେ ମଧ୍ୟ ସେହିପରି ସାଂକେତିକ ଭାଷାର ବ୍ୟବହାର କରି ଉତ୍ତର ରଖୁଥିଲା। ସେମାନଙ୍କ ସହିତ ଆଉ ଦୁଇଜଣ ଅର୍ଥାତ ମୋଟ ଚାରିଜଣ ବ୍ୟକ୍ତି ସେହି ବ୍ୟାଙ୍କ ଭିତରେ ଏହିପରି ହସ୍ତଚାଳନା କରି ଠାରରେ କଥାବାର୍ତ୍ତା ହେଉଥିଲେ। ସେଠାରେ ଥିବା ଅନ୍ୟମାନେ ଏହା ବୁଝି ପାରୁନଥାନ୍ତି। ଲୋକମାନେ ଭାବୁଥାନ୍ତି ଏମାନେ ବୋଧହୁଏ ବାକ ଓ ଶ୍ରବଣ ଶକ୍ତିବିହୀନ ଲୋକ। କିନ୍ତୁ ସେମାନଙ୍କ ଠାର ସନ୍ତିଆ ବୁଝିପାରୁଥାଏ। ସେହି ଚାରିଜଣଙ୍କୁ ଭଲଭାବରେ ନିରିକ୍ଷଣ କରିବା ପରେ ସନ୍ତିଆ ସେମାନଙ୍କର ଉଦ୍ଦେଶ୍ୟ ଜାଣିପାରିଲା । ତୁରନ୍ତ ଅଜାଙ୍କୁ ସେଠାରୁ ଟାଣି ନେଲା ବ୍ୟାଙ୍କ ମ୍ୟାନେଜରଙ୍କ ନିକଟକୁ। ଏବଂ ଖଣ୍ଡେ କାଗଜରେ ସେ ପୁରା ଘଟଣାକୁ ଲେଖି ଜଣାଇଲା। ବ୍ୟାଙ୍କ ମ୍ୟାନେଜର ସନ୍ତିଆର ଲେଖା ପଢି ଆଶ୍ଚର୍ଯ୍ୟ ହେଲେ। ସିସିଟିଭି ରେକର୍ଡ ଦେଖିଲେ ଓ ଜଣେ ସାଂକେତିକ ଭାଷାରେ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଡାକାଇ ଦେଖାଇଲେ । ସନ୍ତିଆ ଯାହା କହୁଥିଲା ତାହା ସତ ବୋଲି ପ୍ରମାଣିତ ହେଲା । ତୁରନ୍ତ ପୋଲିସକୁ ଖବର ଦେଲେ ବ୍ୟାଙ୍କ ମ୍ୟାନେଜର। ପୋଲିସ ସାଦା ପୋଷାକରେ ବ୍ୟାଙ୍କରେ ରହିଲେ । ଅପରାହ୍ନ ସମୟରେ ସେହି ବ୍ୟକ୍ତିମାନେ ବ୍ୟାଗ, ବନ୍ଧୁକ ଆଦି ଧରି ବ୍ୟାଙ୍କ ଲୁଟ କରିବାକୁ ପଶିଲେ । ଚୋରି ଆରମ୍ଭ କରିବା ମାତ୍ରେ ପୋଲିସ ସେହି ଚାରିଜଣ ଚୋରଙ୍କୁ କାବୁ କରିନେଲେ। ସେତେବେଳେ ସେମାନେ ବ୍ୟାଙ୍କର କରବାର, ଚାରିପାଖରେ ଯିବାଆସିବା ବାଟ ଆଉ ଚୋରି କରିବାର ସୁବିଧା ସବୁ କଣ ଅଛି ଦେଖିବାକୁ ଆସିଥିଲେ ଓ ସାଂକେତିକ ଭାଷାରେ କଥାବାର୍ତ୍ତା ହେଉଥିଲେ। ବାସ୍ତବରେ ସେମାନେ ଚୋରଥିଲେ ଓ ସେମାନେ କଥା କହିପାରୁଥିଲେ। ଚୋରମାନେ ଚୋରି କରିବା ଓ ଠାର ପାଇଁ ଏହି ସାଂକେତିକ ଭାଷାକୁ ବ୍ୟବହାର କରୁଥିଲେ ଯାହାକୁ ସନ୍ତିଆ ବୁଝିପାରିଲା। ଚୋରମାନେ ତ ଦଣ୍ଡ ପାଇଲେ କିନ୍ତୁ ସନ୍ତିଆକୁ ବ୍ୟାଙ୍କ ମ୍ୟାନେଜର ଦେଲେ ପୁରସ୍କାର। ପୁରସ୍କାର ପାଇ ସନ୍ତିଆ ମନ କୁଣ୍ଢେମୋଟ। ମାମୁଘରଠାରୁ ନିଜ ଗାଁ, ବିଦ୍ୟାଳୟ ସବୁଆଡେ ସନ୍ତିଆର ପ୍ରଶଂସା ହେଲା ।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ,ପୁରୀ
ମୋ: ୯୪୩୮୪୩୨୦୨୩



ଜିଗ୍ନେଶ ମହାନ୍ତି
୬ ବର୍ଷ, ଭୁବନେଶ୍ୱର



# ଆ ଇ ନା



ଆଦ୍ୟା ଅସ୍ମିତା ସାହୁ
୫ ବର୍ଷ, ଭୁବନେଶ୍ୱର